## ବିଦ୍ୟୁତ୍ ଶର୍ଟସର୍କିଟରୁ ୪ ବଖରା ଜଳିଗଲା

ଖଣ୍ଡପଡା,(ସ୍ୱ.ପ୍ର.): ଖଣ୍ଡପଡା ବ୍ଲକ ଅଧୀନ ସିଂଘାପଡା ପଞ୍ଚାୟତର ସିଙ୍ଗିବାରୀ ଗାଁରେ ଗୁରୁବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଶଟସର୍କିଟରୁ ଅଗ୍ନିକାଣ୍ଡ ଘଟି ୨ ପରିବାରର ୪ ବଖରା ପୋଡିଯାଇଛି। ଅଗ୍ନିକାଣ୍ଡ ପ୍ରଭାବରେ ରୁଷିଆ ନାଏକ ଓ ଝାଟିକା ନାଏକଙ୍କର ୨ ବଖରା ଲେଖାଏ ଝାଟିମାଟି ବାସଗୃହ ସମେତ ଧାନ ଚାଉଳ, ଆସବାସପତ୍ର ଓ ଲୁଗାପଟା ସବୁ କିଛି ଜଳିଯାଇଛି। ଗଣିଆ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବିପନ୍ନ ୨ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଡିକି ଭାଙ୍ଗି ୫୫ ହଜାର ଲୁଟ

ରାଜନଗର, ୧୨।୩ (ଡି.ଏନ.ଏ.): ରାଜନଗର ଥାନା ବଜାର ଉପରୁ ବାଇକ୍ ଡିକି ଭାଙ୍ଗି ୫୫ ହଜାର ଟଙ୍କା ଦୁର୍ବୃତ୍ତ ଶୁକ୍ରବାର ଲୁଟି ନେଇଛନ୍ତି। ଅଭିଯୋଗ ମୁତାବକ, ଥାନା ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତ ବଳଭଦ୍ରପୁର ଗାଁର କେଶବ ପ୍ରଧାନ ମଣ୍ଡିରେ ଧାନ ବିକା ଟଙ୍କା ଉଠାଇବାକୁ ରାଜନଗର ଷ୍ଟେଟ ବ୍ୟାଙ୍କକୁ ଆସିଥିଲେ। ଅପରାହ୍ନ ୧ଟା ୪୭ରେ ବ୍ୟାଙ୍କରୁ ୫୫ ହଜାର ଟଙ୍କା ଉଠାଇ ଡିକିରେ ଫାଇଲ ଭିତରେ ରଖିଥିଲେ। ବାଇକ୍‌ରେ ତେଲ ପକାଇବାକୁ ଗୋପାଳପୁର ବଜାର ନିକଟରେ ଥିବା ଟାଙ୍କିକୁ ଯାଇଥିଲେ। ସେଠାରୁ ଫେରି ହଂସୁଆ ସେତୁ ନିକଟରେ ରାଜନଗର ବଜାର କଲେକ୍ସନ ଦୋକାନକୁ ଲୁଗା କିଣିବାକୁ ଯାଇ ଆଗରେ ବାଇକ୍ ରଖି ଭିତରକୁ ଯାଇଥିଲେ। ଅଳ୍ପ ସମୟ ପରେ ଦୋକାନରୁ ଫେରି ବାଇକ୍‌ର ଡିକି ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ଡିକିରେ ଥିବା ଟଙ୍କା ସହ ତାଙ୍କର ଜମି ପଟ୍ଟା, ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ ନ ଥିବା ଦେଖିଥିଲେ। ପରେ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳ ଓ ବ୍ୟାଙ୍କରେ ପହଞ୍ଚି ତଦନ୍ତ କରିଥିଲେ ମଧ ରିପୋର୍ଟ ଲେଖା ହେବା ଯାଏ ଦୁର୍ବୃତ୍ତଙ୍କ ସନ୍ଧାନ ମିଳିନାହିଁ।

### ନୟାଗଡ଼ରେ ହରିହର ଭେଟ

ନୟାଗଡ ଅଫିସ,୧୨।୩: ମହାଶିବରାତ୍ରି ପରେ ଶୁକ୍ରବାର ନୟାଗଡ ଜଗନ୍ନାଥ ମନ୍ଦିର ପରିସରରେ ହରିହର ଭେଟ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ନୟାଗଡ ସହରର ଖଣ୍ଡପଡା ରୋଡ ସ୍ଥିତ ବାବା ଆଖଣ୍ଡଳମଣିଙ୍କ ଚଳନ୍ତି ପ୍ରତିମା ବୃଷବ ଶୋଭାଯାତ୍ରାରେ ସହର ପରିକ୍ରମା କରି ନୟାଗଡ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିରରେ ଜଗନ୍ନାଥଙ୍କ ସନ୍ଧ୍ୟା ଆଳତି ପରେ ପାରମ୍ପରିକ ରୀତି ପରେ ହରିହର ଭେଟ ହୋଇଥିଲା।

### ଶ୍ରୀଲଛ୍ମନ ଜୀଉଙ୍କ ମେଲଣ ପାଇଁ ପ୍ରସ୍ତୁତି

ଡେରାବିଶ, ୧୨।୩(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ଶ୍ରୀଲଛ୍ମନ ଜୀଉଙ୍କ ମେଲଣ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ୪୩ ଦୋଳଠାକୁର ଯୋଗଦେବେ। ଏହି ଅବସରରେ ମେଲଣ ପରିଚାଳନା କମିଟିର ସଭାପତି ଡା. ବିଶ୍ୱପ୍ରକାଶ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ସୋମବାର ଶ୍ରୀଜୀଉଙ୍କ ମନ୍ଦିର ବେଢ଼ାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ପକ୍ଷରୁ ଜାରି ହୋଇଥିବା କୋଭିଡ୍ ମାର୍ଗଦର୍ଶିକାକୁ କଡ଼ାକଡ଼ି ପାଳନ କରାଯାଇ ଚଳିତବର୍ଷ ମେଲଣ କରିବାକୁ ସର୍ବସମ୍ମତ ମତପ୍ରକାଶ ପାଇଥିଲା। ମେଲଣକୁ ଆସିବାକୁ ଥିବା ସମସ୍ତ ବିମାନ ବ୍ୟତୀତ କୌଣସି ଶ୍ରଦ୍ଧାଳୁ କିମ୍ବା ମେଲଣରେ ବିଭିନ୍ନ ଦୋକାନ ପଡ଼ିବା ଉପରେ ସମ୍ପୂର୍ଣ୍ଣ କଟକଣା ରହିବ ବୋଲି ସଭାପତି ଡା. କାନୁନ୍‌ଗୋ କହିଥିଲେ। ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ୨୯ ତାରିଖ ଅପରାହ୍ନରେ ଏହି ମେଲଣର ଥାନପତି ଶ୍ରୀଲଛ୍ମନ ଜୀଉ ବିମାନପଡ଼ିଆରେ ଉପବେଶନ କରିବା ପରେ ଅନ୍ୟ ସମସ୍ତ ବିମାନ ମେଲଣ ପଡ଼ିଆକୁ ପ୍ରବେଶ କରିବେ। ପରମ୍ପରାକୁ କେବଳ ବଜାୟ ରଖିବା ଉପରେ ଆଲୋଚନା ହୋଇଥିଲା। ଉପସ୍ଥିତ ସମସ୍ତ ଠାକୁରବାଡ଼ି ସେବାୟତ ପ୍ରତିନିଧି ଓ ଜନସାଧାରଣ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସମ୍ମତି ପ୍ରକାଶ କରିଥିଲେ।

# ଶୁଖିଲାଣି ମହାନଦୀ, ବ୍ରାହ୍ମଣୀ ସିଷ୍ଟମ

କେନ୍ଦ୍ରାପଡା ଅଫିସ, ୧୨।୩


କେନ୍ଦ୍ରାପଡ଼ାରେ ପ୍ରବାହିତ ବ୍ରାହ୍ମଣୀ ନଦୀ।

**ଜିଲା ପାଇଁ ଜଳ ହେବ ମହରଗ**
- ନଦୀ ଜଳ ପରିଚାଳନାକୁ ନେଇ ବୁଦ୍ଧିଜୀବୀଙ୍କ ଉଦ୍‌ବେଗ
- ଜାତୀୟ ଉଦ୍ୟାନକୁ ମିଳିବନି ମଧୁର ଜଳ

ମହାନଦୀ ପରେ ଏବେ ବ୍ରାହ୍ମଣୀରେ ଜଳସଙ୍କଟ ଦେଖାଦେଇଛି। ବୈତରଣୀ ନଦୀରେ ବ୍ୟାରେଜ ନିର୍ମାଣ ପରେ ଏହି ଜଳସଙ୍କଟ କେନ୍ଦ୍ରାପଡ଼ା ଜିଲା ପାଇଁ ମହରଗ ହେବ। ଖରା ଆରମ୍ଭରୁ ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମରେ ଥିବା ନଦୀ ଶୁଖିଲା ପଡିବାରୁ ଜାତୀୟଉଦ୍ୟାନ ଭିତରକନିକାକୁ ଆବଶ୍ୟକ ମୁତାବକ ଜଳ ମିଳୁନାହିଁ। ଏହା ଆଗକୁ ଭୟଙ୍କର ରୂପ ନେବ। ନଦୀର ଉପରମୁଣ୍ଡରେ ହେଉଥିବା ପ୍ରକଳ୍ପକୁ ନେଇ ଜିଲାବାସୀଙ୍କ ଚିନ୍ତା ବଢ଼ି ଚାଲିଛି। କେନ୍ଦ୍ରାପଡ଼ା ଜିଲାରେ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ୭ ନଦୀ ପ୍ରବାହିତ ହେଉଛି। ଏହାର ଜଳ ଦୈନନ୍ଦିନ ନିତ୍ୟକର୍ମ ସହ କୃଷି ପାଇଁ ବ୍ୟବହାର ହେଉଛି। ଏଥିସହ ଏହାର ମଧୁର ଜଳ ଜାତୀୟଉଦ୍ୟାନ ଭିତରକନିକାର ଜୈବବିବିଧତାକୁ ରକ୍ଷା କରୁଛି। ତେବେ ନଦୀ ପରିଚାଳନା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବାରୁ ଆଗାମୀ ୩ ଦଶନ୍ଧିରେ ଚଳିବାକୁ ଥିବା ଜଳ ମହରଗ ହେବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଶିକ୍ଷାବିତ୍ ଭୁବନମୋହନ ଜେନା, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରା, କ୍ଷୀତିଶ କୁମାର ସିଂହ, ଶ୍ରୀକାନ୍ତ ନାୟକ ପ୍ରମୁଖ ନଦୀ ଜଳ ପରିଚାଳନାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, ଓଡ଼ିଶା ଓ ଛତିଶଗଡ ସରକାର ମହାନଦୀର ଜଳ ପ୍ରବାହ ବିବାଦକୁ ତୁରନ୍ତ ସମାଧାନ କରିବା ଦରକାର। ତଳମୁଣ୍ଡରେ ଥିବା କେନ୍ଦ୍ରାପଡ଼ା ଜିଲା ଏଥିନେଇ ବହୁ ଭାବେ ପ୍ରଭାବିତ ହେଉଛି। ଆଗାମୀଦିନରେ ହେବାକୁ ଥିବା ଷ୍ଟିଲ ପ୍ଲାଣ୍ଟ ଓ ରାଜ୍ୟର ପ୍ରଥମ ନଦୀ ଭିତ୍ତିକ ବନ୍ଦର ଉପରେ ଏହାର ପ୍ରଭାବ ପଡିବ। ସେହିପରି ଯାଜପୁରଠାରେ ବୈତରଣୀ ନଦୀର ବ୍ୟାରେଜ ନିର୍ମାଣ ପରେ ଜାତୀୟ ଉଦ୍ୟାନ ଭିତରକନିକାକୁ ଜଳପ୍ରବାହ କମିବ। ବ୍ରାହ୍ମଣୀ ନଦୀ ଉପର ମୁଣ୍ଡରେ ରେଙ୍ଗାଲି ପ୍ରୋଜେକ୍ଟ ନିର୍ମାଣ ଚାଲିଛି। ଏହା ଚାଷ ପାଇଁ ବ୍ୟବହାର ହେବ। ସେହିପରି ଏହି ନଦୀ ଜଳ ଉପରେ କଳିଙ୍ଗନଗର ଶିଳ୍ପାଞ୍ଚଳ ନିର୍ଭର କରୁଛି। ଏହି ଶିଳ୍ପାଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ଶିଳ୍ପ ପାଇଁ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ୧୨୦ କ୍ୟୁସେକ ପାଣି ଉତ୍ତୋଳନ ହେଉଛି। ପଙ୍କପାଳସ୍ଥିତ ବ୍ରାହ୍ମଣୀ ନଦୀ ମୁହାଣରେ ଇଡ୍‌କୋ ଉଚ୍ଚ ଶକ୍ତି ସମ୍ପନ୍ନ ପମ୍ପ ହାଉସ ନିର୍ମାଣ କରିଛି। ସେହିପରି ବ୍ରାହ୍ମଣୀର ଶାଖା ନଦୀ ଖରସ୍ରୋତାରୁ ମାର୍ଥାପୁରଠାରେ ଶିଳ୍ପକୁ ପାଣି ଯୋଗାଣ ହେଉଛି। ଶିଳ୍ପ ପରି ରାଜ୍ୟ ସରକାର କୃଷି ଓ ପାନୀୟ ଜଳକୁ ଗୁରୁତ୍ୱ ଦେଉଛନ୍ତି। ସୁକିନ୍ଦା ଓ ଦାନଗଦୀ ବ୍ଲକ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ଘୋଷଣା ହୋଇଛି। ଚଳିତମାସ ୬ ତାରିଖରେ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ବିଞ୍ଝାରପୁର, ଯାଜପୁର, କୋରେଇ ଓ ରସୁଲପୁର ବ୍ଲକ ଅଞ୍ଚଳର ୨୮୦ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ମଞ୍ଜୁରୀ ଦିଆଯାଇଛି। ଏଥିସହ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହାରେ ଖରସ୍ରୋତା ନଦୀରୁ ଭଦ୍ରକର ୪ ବ୍ଲକ ଅଞ୍ଚଳ ପାଇଁ ପ୍ରକଳ୍ପ ଆରମ୍ଭ ହେବ। ନିକଟରେ ଆଳି, ରାଜନଗର, ରାଜକନିକା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୬୫ ପଞ୍ଚାୟତରେ ପିଇବା ପାଣି ଯୋଗାଇବାକୁ ଜଳ ଜୀବନ ମିଶନରେ ବ୍ୟୟ ବରାଦ ହୋଇଛି। ଏହା ବ୍ୟତୀତ କୃଷି ପାଇଁ ଜିଲାରେ ପ୍ରବାହିତ ବହୁ ନଦୀରେ ପ୍ରକଳ୍ପ ଅଛି। ଜିଲାବାସୀଙ୍କ ସୁଖ ସମୃଦ୍ଧି ପାଇଁ ପାନୀୟ ଜଳ ସହ କୃଷି ଓ ପରିବେଶକୁ ଗୁରୁତ୍ୱ ଦେବା ଆବଶ୍ୟକ। ଅପରପକ୍ଷରେ ଜିଲାର ଭୂତଳ ଜଳ ଚିନ୍ତାଜନକ ସ୍ଥିତିରେ ଥିବା ୨୦୧୭ରେ କେନ୍ଦ୍ର ଭୂତଳ ଜଳ ବୋର୍ଡ ଦ୍ୱାରା ହୋଇଥିବା ସର୍ଭେ ରିପୋର୍ଟରୁ ଜଣାପଡିଛି। ଆଗାମୀ ୩ ଦଶନ୍ଧିରେ ବ୍ରାହ୍ମଣୀରେ ଯେତିକି ଜଳ ପ୍ରବାହିତ ହେବ, ତା'ଠାରୁ ପ୍ରାୟ ୩ ହଜାର କ୍ୟୁବିକ ମିଟର ଅଧିକ ଜଳ ଆବଶ୍ୟକ କରିବ। ରାଜ୍ୟରେ ଉପଲବ୍ଧ ହେଉଥିବା ମୁଣ୍ଡପିଛା ହାରାହାରି ଜଳ ପରିମାଣ ଦ୍ରୁତ ବେଗରେ ହ୍ରାସ ପାଉଛି। ମହାନଦୀ, ବ୍ରାହ୍ମଣୀ ପରି ପ୍ରମୁଖ ନଦୀରେ ଯେଉଁ ଜଳାଭାବ ଦେଖାହେବ, ସେଥିଯୋଗୁ ମୁଣ୍ଡ ପିଛା ଜଳ ଉପଲବ୍ଧତା ଆହୁରି ହ୍ରାସ ପାଇବ ବୋଲି ସେମାନେ ଆଶଙ୍କା କରିଛନ୍ତି।

## କ୍ରିକେଟ: ଇଲେଭେନ ଷ୍ଟାର ଚାମ୍ପିୟନ



ଉପସ୍ଥିତ ଅତିଥିମାନେ।

ଡେରାବିଶ,୧୨।୩(ସ୍ୱ.ପ୍ର.)

ଓସିଏ ଆନୁକୂଲ୍ୟରେ କେନ୍ଦ୍ରାପଡା ଜିଲା କ୍ରିକେଟ୍ ଆସୋସିଏଶନ ତତ୍ତ୍ୱାବଧାନରେ ଆଳି ଷ୍ଟାଡିୟମ ଓ ଡେରାବିଶ ମିନି ଷ୍ଟାଡିୟମରେ ଚାଲିଥିବା ୧୬ବର୍ଷରୁ କମ୍ ଇନ୍‌ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଡେରାବିଶ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ପଞ୍ଚୁପାଣ୍ଡବ ଆଞ୍ଚଳିକ ଯୁବ ପରିଷଦକୁ ୧ ଉଇକେଟରେ ହରାଇ କେନ୍ଦ୍ରାପଡାର ଇଲେଭେନ ଷ୍ଟାର ଟିମ୍ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂର ନିଷ୍ପତ୍ତି ନେଇଥିବା ପଞ୍ଚୁପାଣ୍ଡବ ଦଳ ନିର୍ଦ୍ଧାରିତ ୫୦ ଓଭର ମଧ୍ୟରୁ ୪୮ ଓଭରରେ ଅଲଆଉଟ ହୋଇ ୧୬୦ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମନ ଦାସ ସର୍ବାଧିକ ୫୬ ରନ କରିଥିବା ବେଳେ ଅସୀମ ବରାଳ ୩୮ ରନ କରିଥିଲେ। ୧୬୧ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ ପାଇଁ ଓହ୍ଲାଇଥିବା ଇଲେଭେନ ଷ୍ଟାର ଦଳ ୪୯ ଓଭରରେ ୯ ଉଇକେଟ ହରାଇ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ବିଜୟୀ ଦଳ ପକ୍ଷରୁ କ୍ରିଷ୍ଣା ମହାନ୍ତି ସର୍ବାଧିକ ୩୪ ରନ ଓ ଶିଶିର ପଟ୍ଟନାୟକ ୨୧ରନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଡେରାବିଶ କ୍ରିକେଟ କ୍ଲବର ପ୍ରାକ୍ତନ ଅଧିନାୟକ ତ୍ରିଲୋଚନ ରାଉତ ପୌରୋହିତ୍ୟ କରିଥିଲେ। ଏଥିରେ କେନ୍ଦ୍ରାପଡା ଜିଲା କ୍ରିକେଟ ସଂଘର ସଭାପତି ତଥା ଆଳିର ପ୍ରାକ୍ତନ ବିଧାୟକ ଦେବେନ୍ଦ୍ର ଶର୍ମା ମୁଖ୍ୟଅତିଥି, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ମୁଖ୍ୟବକ୍ତା ଏବଂ ଜିଲା କ୍ରିକେଟ ସଂଘ ସମ୍ପାଦକ ଶୁଭାଶିଷ ସେନାପତି, ସଂଘର ମୁଖ୍ୟ ଉପଦେଷ୍ଟା ଆଇନଜୀବୀ ଗୋକୁଳି ଚରଣ ଦାସ, କୋଷାଧ୍ୟକ୍ଷ ନୃସିଂହ ଚରଣ ରଥ, ଡେରାବିଶ କ୍ରିକେଟ କ୍ଲବର ସଭାପତି ରଞ୍ଜନ କୁମାର ସାହୁ ଓ ସମ୍ପାଦକ ସାହାଜାହାନ ଖାଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଅମନ ଦାସ, ଶ୍ରେଷ୍ଠ ବୋଲର ଭାବେ ଅସୀମ ବରାଳ, ଶ୍ରେଷ୍ଠ ଅଲରାଉଣ୍ଡର ଭାବେ କୃଷ୍ଣ ମହାନ୍ତିଙ୍କୁ ପୁରସ୍କୃତ କରିଥିଲେ। ଏଥିସହିତ ଅତିଥିମାନେ ବିଜେତା ଇଲେଭେନ ଷ୍ଟାର ଦଳକୁ ଚାମ୍ପିୟନ ଟ୍ରଫି ଓ ଉପବିଜେତା ପଞ୍ଚୁପାଣ୍ଡବ ଦଳକୁ ରନର୍ସଅପ୍ କପ୍ ପ୍ରଦାନ କରିଥିଲେ।

# ଧାନର ଅଭାବୀ ବିକ୍ରି ନେଇ କଂଗ୍ରେସର ବିକ୍ଷୋଭ



ବ୍ଲକ କଂଗ୍ରେସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ରାଜନଗର, ୧୨।୩ (ଡି.ଏନ.ଏ.)

ରାଜନଗରରେ ଅଭାବୀ ଧାନ ବିକ୍ରିକୁ ନେଇ କଂଗ୍ରେସ ବୁଧବାର ରାସ୍ତାକୁ ଓହ୍ଲାଇଛି। ୨ ମାସ ହେଲା ଧାନମଣ୍ଡି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଚାଷୀଙ୍କ ମୋବାଇଲକୁ ସରକାରଙ୍କ ପକ୍ଷରୁ ଧାନମଣ୍ଡିରେ ଦେବା ପାଇଁ ଟୋକନ ଆସୁଛି। ମାତ୍ର ମଣ୍ଡି ଦାୟିତ୍ୱରେ ଥିବା ସେବା ସମବାୟ ସମିତିର ସମ୍ପାଦକମାନେ ଟାର୍ଗେଟ ନାହିଁ କହି ଧାନ କିଣୁ ନାହାନ୍ତି। ତ୍ରିନାଥ ବଜାରସ୍ଥିତ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରୁ କର୍ମୀମାନେ ଶୋଭାଯାତ୍ରାରେ ରାଜନଗର ତହସିଲ କାର୍ଯ୍ୟାଳୟ ଯାଏ ଆସିଥିଲେ। ୭ ଦିନ ଭିତରେ ଧାନ କିଣ, ନଚେତ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଥିଲେ। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ପୌରୋହିତ୍ୟରେ ପ୍ରତିବାଦ ସଭା ହୋଇଥିଲା। ଏଥିରେ କଂଗ୍ରେସ ନେତା ଅଶୋକ କୁମାର ବଳ, ସନ୍ତୋଷ କୁମାର ମହାନ୍ତି, ରଞ୍ଜନ କୁମାର ମହାନ୍ତ, ମୋହନ କୁମାର ଦାସ, ପାରେଶ୍ୱର ନାୟକ, ଶୁକଦେବ ଭଦ୍ର, ସତ୍ୟବାନ ସେଠୀ, ପ୍ରମୋଦ ସ୍ୱାଇଁ, ସୁନୀଲ ରାଉଳ, ପ୍ରମୋଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଚାଷୀଙ୍କୁ ସରକାର ପ୍ରତାରଣା କରୁଥିବା କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ତହସିଲର ମୁଖ୍ୟ କିରାଣିଙ୍କୁ ପ୍ରଦାନ କରିଥିଲେ।

## ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଜେଲ ଗଲେ

ନୟାଗଡ଼ ଅଫିସ,୧୨।୩

ସ୍ତ୍ରୀଙ୍କୁ ମାଡ ମାରିବା ଘଟଣାରେ ସ୍ୱାମୀଙ୍କ ଜେଲ ଯିବାକୁ ପଡିଛି। ଏଭଳି ଘଟଣା ନୟାଗଡ଼ ଟାଉନ ଥାନା ନୂଆ ଘଡୁଆଳରେ ଘଟିଛି। ନୂଆ ଘଡୁଆଳର କବିର ସେନାପତି ଅଧିକ ଯୌତୁକ ଆଣିବାକୁ ବିଭିନ୍ନ ସମୟରେ ସ୍ତ୍ରୀ ଶାନ୍ତିଲତାଙ୍କ ଉପରେ ଚାପ ପ୍ରୟୋଗ କରୁଥିଲେ। ବାପଘର ଲୋକେ ଯୌତୁକ ଦେବାକୁ ମନା କରିବା କହିବା ପରେ ତାଙ୍କୁ କବୀର ବିଭିନ୍ନ ସମୟରେ ମାରପିଟ କରୁଥିଲେ। ୧୦ବର୍ଷ ତଳେ ବିବାହ କରି ୨ଟି ସନ୍ତାନର ବାପା କବୀର ଗୁରୁବାର ସ୍ତ୍ରୀଙ୍କୁ ମାଡ ମାରି ଫସି ଯାଇଛନ୍ତି। ସ୍ତ୍ରୀଙ୍କ ଅଭିଯୋଗ ପରେ ପୋଲିସ ନଂ. ୪୮/୨୧ରେ ମାମଲା ରୁଜୁ କରି କବୀରଙ୍କୁ ଗିରଫ କରିଥିଲା।

## ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

ଯାଜପୁର ସଦର,୧୨।୩(ଡି.ଏନ୍.ଏ.)

ଯାଜପୁର ସଦର ଥାନା ଅଧୀନ ମା' ତାରାଦେବୀ ପୀଠରେ ବୁଧବାର ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଏହି ଅବସରରେ ବୈଦ୍ୟନାଥ ନାୟକ, ଗଣନାଥ ଶତପଥୀ, ଦୀନବନ୍ଧୁ ରାଉତ ଓ ଜଗନ୍ନାଥ ପଣ୍ଡାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ୧୯୮୩ ମାଟ୍ରିକ ବ୍ୟାଚର ୭୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇ ପୁରୁଣା ଦିନର କଥା ବଖାଣି ଥିଲେ। ବ୍ୟବସାୟୀ ବସନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଓଡ଼ିଶା ହାଇକୋର୍ଟର ଆଡଭୋକେଟ ରମଣୀରଞ୍ଜନ ମହାନ୍ତି ପୌରୋହିତ୍ୟ କରିଥିଲେ। ସାମାଜିକ କର୍ମୀ ଦୁଃଶାସନ ପରିଡ଼ା,ପୁରୁଷୋତ୍ତମପୁର ବିଦ୍ୟାଳୟର ଉପସଭାପତି ଦିଲୀପ ତରାଇ, ମଦନ ମୋହନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଭିଜନ-୨୦୨୪ କ୍ରିକେଟ : ନୟାଗଡ଼ ବ୍ଲୁ ଟିମ୍ ବିଜୟୀ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ଖଣ୍ଡପଡ଼ା,୧୨।୩ (ସ୍ୱ.ପ୍ର)

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଖଣ୍ଡପଡା କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରେ ଭିଜନ-୨୦୨୪ କ୍ରିକେଟ ଲିଗ ମ୍ୟାଚ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚରେ ନୟାଗଡ ବ୍ଲୁ ଟିମ ୨ରନରେ ପିଙ୍କ ଟିମ୍‌କୁ ହରାଇ ବିଜୟୀ ହୋଇଥିଲା। ବ୍ଲୁ ଟିମ ବ୍ୟାଟିଂ କରି ୩୩.୧ ଓଭରରେ ସମସ୍ତ ଉଇକେଟ ହରାଇ ୨୦୩ ରନ୍ ସଂଗ୍ରହ କରିଥିଲା। ପିଙ୍କ ଟିମ ୩୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୦୧ ରନ କରିବାକୁ ସକ୍ଷମ ହୋଇଥିଲା। ସଂଗ୍ରାମ କେଶରୀ ମିଶ୍ର ଓ ବିଭୂତି ଭୂଷଣ ସେନାପତି ମ୍ୟାଚକୁ ପରିଚାଳନା କରିଥିଲେ। ପିଙ୍କ ଟିମର ବିସ୍ମୟ ପାଣି ୮୬ ବଲରୁ ୬୦ ରନ୍ ସଂଗ୍ରହ କରି ବେଷ୍ଟ ବ୍ୟାଟ୍ସ ମ୍ୟାନ ବିବେଚିତ ହୋଇଥିଲେ। ବ୍ଲୁ ଟିମର ଶୁଭମ୍ ଘାଇ ୫ ଓଭରରେ ୨୦ ରନ ଦେଇ ୩ ଗୋଟି ଉଇକେଟ ଅକ୍ତିଆର କରି ବେଷ୍ଟ ବୋଲର ବିବେଚିତ ହୋଇଥିଲେ। ସେହିପରି ବ୍ଲୁ ଟିମର ସାଇପ୍ରସାଦ ଆଚାର୍ଯ୍ୟ ୩୮ ରନ ଦେଇ ୨ଗୋଟି ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ନୟାଗଡ ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ ସଂଗ୍ରାମ କେଶରୀ ଗୁମାନ ସିଂ ଓ ଓଡ଼ିଶା କ୍ରିକେଟ ଆସୋସିଏଶନର ଅନ୍‌ଲାଇନ ସ୍କୋରର ଅନୁଭବ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଲିଗ୍ ମ୍ୟାଚକୁ ଖଣ୍ଡପଡା କ୍ରିକେଟ କ୍ଲବର ସଦସ୍ୟମାନେ ସୁଚାରୁ ରୂପେ ପରିଚାଳନା କରିଥିଲେ। ଅତିଥି ଭାବେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ. ଅଭିସାର ପଣ୍ଡା ଓ ୟୁକୋ ବ୍ୟାଙ୍କ ଖଣ୍ଡପଡା ଶାଖା ପରିଚାଳକ ସନ୍ଦୀପ କୁମାର ନାୟକ ଯୋଗଦେଇଥିଲେ।

# ଗାଁ ମହୋତ୍ସବ ଉଦ୍‌ଯାପିତ

ନୟାଗଡ ଅଫିସ,୧୨।୩

ରଣପୁର ବ୍ଲକ ନରେନ୍ଦ୍ରପୁରର ପ୍ରସିଦ୍ଧ ଶୈବ ପୀଠ ଶ୍ରୀଭୋଳେଶ୍ୱର ଦେବଙ୍କ ପୀଠ ରେ ଦ୍ୱିତୀୟ ବର୍ଷ ପାଇଁ ମୋ ଗାଁ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ମହୋତ୍ସବ କମିଟି ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ କମିଟି ସମ୍ପାଦକ ରଶ୍ମିରଞ୍ଜନ ପରିଡା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ମୁଖ୍ୟ ଉପଦେଷ୍ଟା ଚିତ୍ତରଞ୍ଜନ ପ୍ରଧାନ କମିଟି କାର୍ଯ୍ୟଶୈଳୀ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ରଣପୁର ଗଡ଼ର ରାଜା ଦିଲୀପ ଚନ୍ଦ୍ରସିଂ ଦେଓ ନରେନ୍ଦ୍ର ମୁଖ୍ୟଅତିଥି , ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ସାମ୍ମାନୀତ ଅତିଥି ଭାବେ ରଣପୁର ରାଜକୁମାରୀ ମିନାକ୍ଷୀ ସିଂ ଦେଓ, ସାମାଜିକ କର୍ମୀ ରିନା ସାହୁ, ତ୍ରିନାଥ ରାଉତ, ମୌଜା ସଭାପତି ନିରଞ୍ଜନ ପାଇକରାୟ, ଗ୍ରାମ ସଭାପତି ହରମୋହନ ସାମନ୍ତରାୟ, ବକ୍ତା ଭାବେ ଜିଲା ସେବା ମହୋତ୍ସବର ଅଧ୍ୟକ୍ଷ ଶିବରାମ ମହାପାତ୍ର ଯୋଗ ଦେଇଥିଲେ। କମିଟି ଉପାଧ୍ୟକ୍ଷ ପ୍ରଦୀପ କୁମାର ରଣା, ଜୟେନ୍ଦ୍ର ବେହେରା ଉପସ୍ଥାପକ ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ କୃତୀ, ପ୍ରତିଭାବାନ ବ୍ୟକ୍ତିମାନଙ୍କୁ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଶୀ ନୃତ୍ୟ ଗୁରୁ ଲିମା ଦାସଙ୍କ ଦ୍ୱାରା ଦୁର୍ଗା ତାଣ୍ଡବ, ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ଦ୍ୱାରା ଦଶ ଅବତାର, ବନ୍ଦେ ମାତରଂ ପ୍ରଦର୍ଶିତ ହୋଇଥିଲା। ପୂର୍ବାହ୍ନରେ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ବଳିୟାରସିଂ ମଞ୍ଚ ଉଦ୍‌ଘାଟନ କରିଥିଲେ। ଉପଦେଷ୍ଟା ଚିତରଞ୍ଜନ ପ୍ରଧାନ, ନୃତ୍ୟଗୁରୁ ଦାସଙ୍କୁ ମୋ ଗାଁ ମହୋତ୍ସବ ସମ୍ମାନ ପ୍ରଦାନ କରାଯାଇଥିଲା।

## ଦୁର୍ଘଟଣାରେ ବଡ଼ ଭାଇ ମୃତ, ସାନ ଗୁରୁତର

ନୟାଗଡ ଅଫିସ,୧୨।୩

ଗଣିଆ ଥାନା ପତଣ୍ଡା ହମ୍ପସ ନିକଟରେ ଶୁକ୍ରବାର ବାଇକ୍‌ର ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଇ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୁନା ମୂଳି(୧୯)। ଘର ନୂଆଗାଁ ଥାନାର ସୋରଡା ଗାଁରେ। ପଛ ପାଖରେ ବସିଥିବା ବଡବାପା ପୁଅ ଭାଇ ଟୁନା ମୂଳି ଆହତ ହୋଇ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ପଠାଇଛି। ରାତି ହୋଇଯାଇଥିବାରୁ ଶନିବାର ମୃତଦେହ ବ୍ୟବଚ୍ଛେଦ ହେବ। ପୋଲିସ ନଂ.୧୯/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୋରଡାର କୁନା ସାନ ଭାଇ ସହ ବାଇକ ଯୋଗେ ଗୋକୁଳାନନ୍ଦ ପୀଠରୁ ଭୋଜି ଖାଇ ଫେରୁଥିଲେ। ଦ୍ରୁତଗତରେ ବାଇକ୍‌ରେ ଆସୁଥିବା ବେଳେ ପତଣ୍ଡା ହମ୍ପସ ନିକଟରେ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଇଥିଲେ।

## 'ମହିଳା ଆଙ୍କିବେ ରାଜ୍ୟ ବିକାଶର ଚିତ୍ର'

ମହାକାଳପଡା,୧୨।୩ ( ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକର ଆଳାଇଲୋ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ମହିଳାଙ୍କ ବିକାଶ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି। ଅଧିକରୁ ଅଧିକ ମହିଳା ହାଣ୍ଡିଶାଳରେ ନ ରହି ରାଜ୍ୟ ସରକାରଙ୍କ ବିକାଶରେ ସାମିଲ ହେବେ। ଏମାନଙ୍କ ପ୍ରେରଣାରେ ଗାଁ ବିକାଶର ଚିତ୍ର ଅଙ୍କନ ହେବ। ମହିଳା ସଶକ୍ତୀକରଣରେ ଗାଁରେ ସଚେତନତା ବାର୍ତ୍ତା ଘରେ ଘରେ ପହଞ୍ଚିବ। ଏମାନଙ୍କ ଆର୍ଥିକ ସ୍ୱାବଲମ୍ବୀ କ୍ଷେତ୍ରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯିବ। କୁକୁଡ଼ା, ଛେଳି, ମାଛ, ଛତୁ, ଗୋ ପାଳନ, ପରିବା ଚାଷ, ଫୁଲ ଚାଷ, ବିଦ୍ୟୁତ୍ ମିଟର ରିଡିଂ, ଛତୁଆ ପ୍ରସ୍ତୁତ, ମଧ୍ୟାହ୍ନ ଭୋଜନ ଆଦି ସମେତ ଅନେକ ଯୋଜନାରେ ସାମିଲ ହୋଇ ପରିବାର ପ୍ରତିପୋଷଣ କରି ଆର୍ଥିକ ସୁଧାର ହେବ ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସସ୍ମିତା ବରାଳ, ଅଶୋକ ମହାପାତ୍ର, ସରପଞ୍ଚ ପ୍ରଫୁଲ୍ଲ ବେହେରା, ଅମିୟ ନାୟକ, ଭକ୍ତ ପଣ୍ଡା, ଜିଲା ପରିଷଦ ସଦସ୍ୟ ନଳିନୀ ପ୍ରଭା ଚୌଧୁରୀ, କବିତା ମଳିକ ଓ ସମ୍ପର୍ଣ୍ଣ ପତିଙ୍କ ସମେତ ବହୁ ମହିଳା ଯୋଗ ଦେଇଥିଲେ।


ସମାବେଶରେ ଯୋଗ ଦେଇଥିବା ମହିଳାମାନେ।

# ଆଦର ହରାଉଛି ଘୋଡ଼ାନାଚ

ଜଗତ୍‌ସିଂହପୁର ଅଫିସ, ୧୨।୩

ଦିନ ଥିଲା ଜଗତ୍‌ସିଂହପୁର ଜିଲାର ଲୋକନାଟକ ଘୋଡ଼ାନାଚ ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିଲା। ଏହି ନାଚ ଦେଖିବା ପାଇଁ ଗାଁ ଦାଣ୍ଡ, ବଜାର ଆଦି ଜନଗହଳି ହୋଇଯାଉଥିଲା। କେତେକ ସ୍ଥାନରେ ମେଳଣ ମଧ ହେଉଥିଲା। ସମୟ ଚକ୍ରରେ ଘୋଡ଼ାନାଚ ଆଦର ହରାଇଛି। ଏଥିରେ ସମ୍ପୃକ୍ତ ଅନେକ କଳାକାର ଜୀବିକା ହରାଇବା ସହ ଆଉ କେତେଜଣ ସଂଗ୍ରାମ ଜାରି ରଖିଛନ୍ତି। ଶାକ୍ତ ପରମ୍ପରାର ଭକ୍ତମାନେ ବିଶେଷ କରି କୈବର୍ତ୍ତ ସମ୍ପ୍ରଦାୟ ମା'ବାସେଳୀଙ୍କୁ ପୂଜା କରିବା ସହ ଘୋଡ଼ାନାଚ କରିଥାନ୍ତି। ଏହି ନୃତ୍ୟ ସାଧାରଣତଃ ଚୈତ୍ର ପୂର୍ଣ୍ଣମୀଠାରୁ ଆରମ୍ଭ ହୋଇ ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ୨ ମାସ ଧରି ଚାଲିଥାଏ। କେତେଜଣ ଏହାକୁ ଚଇତି ଘୋଡ଼ାନାଚ ବୋଲି କହିଥାନ୍ତି।

### ପରମ୍ପରା,ବିଧିବିଧାନ

ପୂର୍ବରୁ ଉପକୂଳ ଜିଲା ବିଶେଷକରି ଜଗତ୍‌ସିଂହପୁରର ୮ଟି ଯାକ ବ୍ଲକରେ ଏହାର ଆଦର ଥିଲା। ମାଛ ଧରିବା କୈବର୍ତ୍ତମାନଙ୍କ କୌଳିକ ବୃତ୍ତି। ସେମାନେ ମା'ବାସେଳୀଙ୍କୁ ନିଜର ଆରାଧ୍ୟା ଦେବୀ ଭାବେ ପୂଜା କରି ବିପଦ ସମୟରେ ସହାୟକ ହେବା ପାଇଁ ପ୍ରାର୍ଥନା କରିଥାନ୍ତି। କାଠ ନିର୍ମିତ ଘୋଡ଼ା ମୁଣ୍ଡ ସେମାନଙ୍କ ଘରେ ବର୍ଷ ସାରା ପୂଜା ପାଇଥାଏ। ଚୈତ୍ର ମାସରେ ଘୋଡ଼ାନାଚ କରାଯାଏ। ଏହି ସମୟରେ କାଠରେ ଘୋଡ଼ା ମୁଣ୍ଡ ତିଆରି କରି ବାଉଁଶ ପାତିଆର ଶରୀର ଏବଂ ଏହା ଉପରେ ରଙ୍ଗ ବେରଙ୍ଗର କପଡ଼ା ଆଚ୍ଛାଦିତ କରି ଘୋଡାର ଶରୀର ପରି କରାଯାଇଥାଏ। ଏହାର ମଧ୍ୟଭାଗରେ ଜଣେ ବ୍ୟକ୍ତି ପଶି ବାଦ୍ୟର ତାଳେ ତାଳେ ହାତ ସାହାଯ୍ୟରେ ଏବଂ ନୃତ୍ୟ ଭଙ୍ଗୀରେ ଘୋଡ଼ାକୁ ନଚାଇଥାନ୍ତି। ଏଥିପାଇଁ ସମ୍ପୃକ୍ତ ନୃତ୍ୟକାରୀଙ୍କୁ ବର୍ଷସାରା ଅଭିଷେକରେ ରହିବାକୁ ପଡିଥାଏ। ଏହି ଘୋଡ଼ାନାଚ ଦଳରେ ଜଣେ ଗାୟକ, ଜଣେ ରାଉତ, ଜଣେ ରାଉତାଣୀ, ୨ ଜଣ ପାଳିଆ ଓ ବାଦ୍ୟଯନ୍ତ୍ରକାରୀ ରହିଥାନ୍ତି। ନାଚ ସମୟରେ ଢୋଲ, ଯୋଡ଼ିନାଗରା ଓ ଯୋଡ଼ିମହୁରି ଆଦି ବ୍ୟବହାର କରାଯାଏ। କାଠରେ ତିଆରି ଘୋଡ଼ା ମୁଣ୍ଡ ଭଙ୍ଗୀ ନାଚ ବେଳେ ଅତ୍ୟନ୍ତ ଜୀବନ୍ତ ଲାଗିଥାଏ। ସେହିପରି ଗୀତ ଓ ବାଦ୍ୟ ପରିବେଷଣ ବେଶ୍ ଆକର୍ଷଣୀୟ ହୋଇଥାଏ। ଏହି ଘୋଡ଼ାକୁ ଭକ୍ତମାନେ ଝୁଣା, ଦୀପ, ଧୂପ ଦେଇ ପୂଜା କରିବା ସହ ଭୋଗ ଲାଗି କରିଥାନ୍ତି।



### ମେଲଣ ମାଧ୍ୟମରେ କାହାଣୀ, ଗୀତିନାଟ୍ୟ ପ୍ରଦର୍ଶିତ

ନାଚ ମାଧ୍ୟମରେ କଚଦେବଯାନୀ, ବିଲ୍ୱମଙ୍ଗଳ, ହରିଶ୍ଚନ୍ଦ୍ର, ଶଶିରେଖା ବିବାହ, ବଭ୍ରୁବାହନ ଇତ୍ୟାଦି ବହୁ ପୌରାଣିକ ଗୀତିନାଟ୍ୟକୁ ପ୍ରଦର୍ଶିତ କରାଯାଏ। ସେହିପରି ମଲ୍ଲିକାର୍ଜୁନ, ଗୟାତୀର୍ଥ, ଗୁରୁଦକ୍ଷିଣା, ଏକଲବ୍ୟ, ପ୍ରଭାସ ଯଜ୍ଞ, ଉଆଁସୀ କନ୍ୟା ଓ କେତୋଟି ସାମାଜିକ କାହାଣୀ ମଧ ପ୍ରଦର୍ଶିତ କରାଯାଏ। ନୃତ୍ୟ ସମୟରେ ରାଗ ଚୋଖି, ବଙ୍ଗଳାଶ୍ରୀ, ପାହାଡିଆ କେଦାର ଓ ଦାଣ୍ଡିବୃତ୍ତର ପ୍ରୟୋଗ ହୋଇଥାଏ। ପୂର୍ବରୁ କେତୋଟି ଶକ୍ତିପୀଠରେ ଘୋଡ଼ାନାଚ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା। ପୁରୋହିତପୁରର ସ୍ୱର୍ଗତ ପ୍ରାଣକୃଷ୍ଣ ବେହେରା, ଟିକମ ବେହେରା, ଜୋତର ଦୁଆରୀ ବେହେରା, ବାବୁଲି ବେହେରା (ବାଦକ), କାର୍ତ୍ତିକ ସାମଲ, ମୁରଲୀ ସାମଲ ପ୍ରମୁଖ କଳାକାରଙ୍କ ବ୍ୟତିରେକ ବହୁ କଳାକାର ସୌଖୀନଭାବେ ଏହି ପାରମ୍ପରିକ ଲୋକାଭିନୟକୁ ବଞ୍ଚାଇ ରଖିବାରେ ସହାୟକ ହୋଇଥିଲେ।

### ଆଧୁନିକତାର ଛାପରେ ହଜିଯାଉଛି

ଅନେକ କଳାକାର ସେତେବେଳେ ଘୋଡ଼ାନାଚ ପ୍ରଦର୍ଶନ କରି ନିଜର ଗୁଜୁରାଣ ମେଣ୍ଟାଇ ପାରୁଥିଲେ। ଜଗତ୍‌ସିଂହପୁର ଜିଲାର କୁଜଙ୍ଗ, ଏରସମା, ହରିଶପୁର ଆଦି ସ୍ଥାନରେ ଚଇତି ପୂର୍ଣ୍ଣମୀଠାରୁ ଆଠଦିନ ବ୍ୟାପୀ ଘୋଡ଼ା ମେଲଣ କରାଯାଉଥିଲା। କୁଜଙ୍ଗର ନୂଆଗାଁ, କାଳିଆ ପାଟ, ତ୍ରିଲୋଚନପୁର, ତାଳଦଣ୍ଡା ଆଦି ଅଞ୍ଚଳରେ ଏବେବି କୈବର୍ତ୍ତ ବସ୍ତି ଥିଲେ ବି ଘୋଡ଼ା ନାଚ ଦେଖିବାକୁ ମିଳୁନି। ଏରସମା ଅଞ୍ଚଳରେ ଆମ୍ବିକି, କିମିଲୋ, ଜିରେଇଲୋ, ଏରସମା, ନାଉ ବେଲାରୀ, ଗୋଡ଼ା ଓ ପଦ୍ମପୁର ଆଦି ମୌଜାରେ ଘୋଡ଼ା ମେଲଣ ହେଉଥିଲା। କିନ୍ତୁ ଏବେ ଆଉ ନାହିଁ। ତେବେ ଝଙ୍କଡର ଗରାମ, ମୂଳସିଂହ, କନପୁର ଏବଂ ଏରସମା ନିକଟ ଦେଉଳି ମୌଜା, ଧୋବେଇ ମୌଜାର ଧୋବେଇ ଗଡ଼ ନିକଟ ବାସେଳୀଙ୍କ ପୀଠ, ରଘୁନାଥପୁରର ସିଦ୍ଧେଶ୍ୱରଙ୍କ ପୀଠରେ ପ୍ରତିବର୍ଷ ଘୋଡ଼ା ନାଚ ହେଉଛି।

ଏ ସମ୍ପର୍କରେ ବିରିଡ଼ି ଅଞ୍ଚଳର ଘୋଡ଼ାନାଚ ଗାୟକ ବାବୁଲି ବେହେରା କୁହନ୍ତି, ସେ ପ୍ରାୟ ୪୦ ବର୍ଷ ହେବ ଘୋଡାନାଚ କରି ଆସୁଛନ୍ତି। କିନ୍ତୁ ପୂର୍ବପରି ଆଉ ଏହାର ଆଦର ରହୁନି। ଯେତିକି ଗାୟକ ଅଛନ୍ତି ସେ ଅନୁସାରେ ପାଳିଆ ନାହାନ୍ତି। ଡିଜେ, ମେଲୋଡି, ଡ୍ୟାନ୍ସ ଆଦି ଆଧୁନିକତାର ଛାପରେ ଘୋନାନାଚ ହଜିଯାଉଛି। ଏବେ କିନ୍ତୁ ଆଦର କମୁଥିବାରୁ ନୂଆ ପିଢି ସୃଷ୍ଟି ହେଉନାହାନ୍ତି।

